# Akashvani, Sambalpur

## SAMBALPURI NEWS EVENING BULLETIN

## 22 June 2026-7.02- 7.12 pm.

---

୧- ନୂଆଁଦିଲ୍ଲୀନ ଆଏବା କାଏଲ୍ ଦୁଇ ନମର୍ ଖେପ୍ ପଦ୍ମ ପୁରସ୍କାର ପ୍ରଦାନ୍ କର୍‌ବେ ରାଷ୍ଟ୍ରପତି ।

୨- ତାମିଲନାଡୁ ଗ୍ୟାସ୍ ଲିକ୍ ଘଟ୍‌ନାଥି ଓଡ଼ିଆ ଶ୍ରମିକଙ୍କର୍ ସଂଖ୍ୟା ବଢ଼୍‌ଲା ୫କେ ।

ତିରୁଭଲ୍ଲୁରନ ପରିସ୍ଥିତିର ଅନୁଧାନ କରୁଛନ୍ ତିନ୍ ଝନ୍ ବରିଷ୍ଠ ଅଧିକାରୀ ।

୩- ଓକିଲ୍‌ମାନ୍‌କର୍ କଲ୍ୟାଣ ପାଣ୍ଠିନୁ ମିଳୁଥିବାର୍ ସାହାଯ୍ ଟଁକାକେ ୪୦ ପ୍ରତିଶତ ବଢ଼ାଲେ ରାଜ୍ୟ ସରକାର ।

ଆଉର୍

୪- ୨୦୨୬-୨୭ ଶିକ୍ଷା ବର୍ଷ ଲାଗି ସ୍ନାତକ ପାଠ୍ୟକ୍ରମଥି ନାଁ ଲେଖାର ବାହାରିଲା ପହେଲା ମେଧା ତାଲିକା । କରାଯାଇଛେ ।

ପଦ୍ମ ପୁରସ୍କାର୍      ଏନ୍ଏସ୍ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ ନୂଆଁଦିଲ୍ଲୀନ ୨ ନମ୍ବର୍ ଖେପ୍ ବେସାମରିକ୍ ସମ୍ମାନ୍ ସମାରୋହଥି ଇ ବଛର୍ ଲାଗି ୬୫ ଝନ୍ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପଦ୍ମ ପୁରସ୍କାର୍ ପ୍ରଦାନ୍ କର୍ବେ । ଇ ବଛର୍ ମୋଟ୍ ଶହେ ୩୧ ଝନ୍କୁ ପଦ୍ମ ପୁରସ୍କାର୍ ଦେବାର୍ ଲାଗି ଅନୁମୋଦନ୍ ମିଲିଛେ । ଇଥି ୫ ଟା ପଦ୍ମବିଭୂଷଣ୍, ୧୩ ଟା ପଦ୍ମ ଭୂଷଣ୍ ଆଉ  ୧୧୩ ଟା ପଦ୍ମଶ୍ରୀ ପୁରସ୍କାର୍ ରହିଛେ । ପହେଲା ଖେପ୍ ବେସାମରିକ୍ ସମ୍ମାନ୍ ପ୍ରଦାନ୍ ସମାରୋହଥି ଗଲା ମାସେ ରାଷ୍ଟ୍ରପତି ୬୬ ଝନ୍କୁ ପଦ୍ମପୁରସ୍କାର୍ଥି ସମ୍ମାନିତ୍ କରିଥିଲେ ।

ଓଡ଼ିଶାର ଚରଣ ହେମ୍ବ୍ରମ୍, ସୀମାଂଚଳ ପାତ୍ର, ଶରତ କୁମାର ପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନଥି ସମ୍ମାନିତ କରାଯିବା ।

ଆମୋନିଆ ଗ୍ୟାସ୍ ଲିକ୍ - ମୁଖ୍ୟମନ୍ତ୍ରୀ    ଭୁବନେଶ୍ୱର ସମ୍ବାଦଦାତା

ତାମିଲନାଡୁର ତିରୁଭଲ୍ଲୁର ଠାନେ ହେଇଥିବା ଆମୋନିଆ ଗ୍ୟାସ୍ ଲିକ୍ ଘଟ୍ନାଥି ଓଡ଼ିଆ ଶ୍ରମିକ୍ମାନ୍କର୍ ମୃତ୍ୟୁସଂଖ୍ୟା ୫କେ

ବଢ଼ିଛେ ବଲି ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ ସୂଚନା ଦେଇଛନ୍ । ଦୁର୍ଘଟନାଥି ୭୦ନୁ ଅଏତ୍କା ଲୋକ୍ ଅସୁସ୍ଥ ହେଇ କରି ମେଡ଼ିକାଲ୍ ନ ଚିକିତ୍ସିତ ହେଉଛନ୍ । ଘଟ୍ନାଥି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଦୁଃଖ ପ୍ରକାଶ କର୍ବାର୍ ସହେତେ ମୃତକ୍ ମାନ୍କର୍ ପରିବାର ଲୁକ୍କର୍ ଲାଗି ରିଲିଫ୍ ପାଣ୍ଠିନୁ ୪ ଲାଖ୍ ଟଂକା ଲେଖା ସାହାଯ୍ ଘୋଷଣା କରିଛନ୍ ।

ରାଜ୍ୟ ସରକାରଙ୍କର୍ ତିନ୍ ଝନ୍ ବରିଷ୍ଠ ଅଧିକାରୀ ଘଟ୍ନା ଜାଗାନ ପହଁଚି କରି ତଥ୍ୟ ଠୁଲ୍ କରୁଛନ୍ । ତାମିଲ୍ନାଡୁର ପ୍ରଶାସନ ସାଙ୍ଗେ ତାଲ୍ମେଲ୍ ରଖି କରି ଘଟ୍ନାଥି ପ୍ରଭାବିତ୍ ଓଡ଼ିଆ ଶ୍ରମିକ୍ ମାନ୍କୁ ସବୁ ପ୍ରକାରର୍ ସହଯୋଗ୍ ଦେବାର୍କେ ଅଧିକାରୀମାନ୍କୁ କୁହାଯାଇଛେ । ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତରଫୁ ମିଲିଥିବା ସୂଚନା ଅନ୍ସାରେ ଦୁର୍ଘଟନାଗ୍ରସ୍ତ ଶ୍ରମିକ୍ମାନ୍କର୍ ସାହାଯ୍ ଲାଗି ଓଡ଼ିଶା ସରକାର୍ ତାମିଲ୍ନାଡୁ ପ୍ରଶାସନ ସାଙ୍ଗେ ନିରନ୍ତର ଯୋଗାଯୋଗ୍ଥି ଅଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶଥି ମୁଖ୍ୟଶାସନ ସଚିବ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କର୍ ସଙ୍ଗେ ଆଲୋଚନା କରିଛନ୍ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟଙ୍କର୍ ନିର୍ଦ୍ଦେଶଥି ଗୁଟେ ୩ ଜନିଆ ତଦନ୍ତ କମିଟି ଗଠନ୍

କରାଯାଇଛେ । ଇଥ୍ ଶିଳ୍ପ ସୁରକ୍ଷା ଆଉ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଆଉ ଜନସଂଖ୍ୟା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ରହିଛନ୍ । ଆମୋନିଆ ଗ୍ୟାସ୍ ଲିକ୍ର ତଦନ୍ତ କରି କରି ୨୪ ଘଂଟା ଭିତ୍ରେ ଅନ୍ତରୀଣ ରିପୋର୍ଟ ଆଉ ୩ ଦିନ୍ ଭିତ୍ରେ ଚୂଡ଼ାନ୍ତ ରିପୋର୍ଟ ଦେବାର୍କେ କୁହାଯାଇଛେ ।

କ୍ରସ୍ ଭୋଟିଂ ଆର୍ଏନ୍ୟୁ/ କଟକ

ରାଜ୍ୟସଭା ନିର୍ବାଚନ୍ଥି କ୍ରସ୍ଭୋଟିଂ ଅଭିଯୋଗକେ ନେଇ କରି ସଂପୃକ୍ତ ବିଧାୟକଙ୍କର୍ ବିରୋଧ୍ବଥି ଆଗତ୍ ଆବେଦନ୍କେ ବାଚସ୍ପତି ସୁରମା ପାଢ଼ୀ ଖାରଜ୍ କରି ଦେଇଛନ୍ । ଗଲା ମାର୍ଚ୍ଚ ମାସେ ହେଇଥିବା ନିର୍ବାଚନ୍ ଥି ବିଜେଡ଼ି ଆଉ କଂଗ୍ରେସ୍ ତର୍ଫୁ କ୍ରସ୍ ଭୋଟିଂ କେ ନେଇ କରି ବାଚସ୍ପତିଙ୍କର୍ ପାଶେ ଆବେଦନ ପ୍ରକ୍ରିୟା ଦାଖଲ ହେଇଥିଲା । ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ ଆବେଦନ ପତ୍ର ମାନ୍କେ ପ୍ରକ୍ରିୟାଗତ ଭୁଲ୍ ଆଉ ଦଲ ପରିବର୍ତ ବିରୋଧୀ ଆଇନ୍ ଅନ୍ସାରେ ଜରୁରୀ ପ୍ରମାଣର ଅଭାବ ରହିଛେ । ଯେନ୍ ତଥ୍ୟ ଆଧାର୍ଥି ଆବେଦନ୍ ସବୁ ଦାଖଲ ହେଇଥିଲା ସେ ତାର୍ କେନ୍ସି ପ୍ରମାଣ ଦାଖଲ୍ ନାଇ କରି । ବିଜେଡ଼ି ତର୍ଫୁ ୮ ଜନ୍ ଆଉ କଂଗ୍ରେସ୍ ତରଫୁ ୩ ଝନ୍

ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କର୍‌ବାର୍ ଲାଗି ଆବେଦନ ପତ୍ର ଦାଖଲ ହେଇଥିଲା । ରାଜ୍ୟସଭା ନିର୍ବାଚନ୍‌ଥି କ୍ରସ ଭୋଟିଂ ଲାଗି ବିଜେଡ଼ି ଆଉ କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହାରି ଯାଇଥିଲେ ।

ଆଇନଜୀବୀ ସାହାଯ୍ ଟଙ୍କା ଭୁବନେଶ୍ୱର ସମ୍ବାଦଦାତା

ରାଏଜେ କାମ୍ କରୁଥିବା ଓକିଲ୍‌ମାନ୍‌କର୍ ସାହାଯ୍ ଲାଗି କାର୍ଯ୍ୟକାରୀ ହେଉଥିବା କଲ୍ୟାଣ ପାଣ୍ଠିନୁ ମିଳୁଥିବା ଟଁକାକେ ୪୦ ପ୍ରତିଶତ ବଢ଼ା ଯାଇଛେ । ମୁଖ୍ୟମନ୍ତ୍ରୀ ମୋହଚରଣ ମାଝୀ ଇ ବାବ୍‌ଦ ପ୍ରସ୍ତାବ୍‌କେ ମଂଜୁରୀ ଦେଇଛନ୍ । ବଢ଼ିଥିବା ଟଁକା ଆଧାର୍‌ଥି ୫ ବଛର୍ କି ତାର୍‌ନୁ କମ୍ ସମିଆ ଲାଗି କାମ୍ କରିଥିବା ଓକିଲମାନ୍‌କର୍ ପରଲୋକ୍ କ୍ଷେତ୍ରଥି ତାଁକର୍ ପରିବାର ଲୁକ୍‌କୁ ୧ ଲାଖ୍ ୫ ହଜାର୍ ଟଁକା ସାହାଯ୍ ମିଲ୍‌ବା । ତାର୍ ଉତ୍‌ରୁ ଫି' ବଛରର୍ ଅଭିଜ୍ଞତା ଆଧାର୍‌ଥି ସାହାଯ୍ ଟଁକା ପରିମାଣ୍ ଭିଲ୍ ବଢ଼୍‌ବା । ୩୦ ବଛର୍ କାମ୍ କରିଥିବା ଓକିଲ୍ ମାନ୍‌କୁ ଅବସର କି ପରଲୋକ କ୍ଷେତ୍ରଥି ସବୁନୁ ଅଏତ୍‌କା ୬ ଲାଖ୍ ୩୦ ହଜାର୍ ଟଁକ୍ା ସାହାଯ୍ ଦେବାର୍ ବ୍ୟବସ୍ଥା ରହିଛେ । ୨୦୨୧ ମସିହାଥି ଇ ସାହାଯ୍ ଟଁକାକେ ବଢ଼ା ଯାଇଥିଲା ।

## ଏସ୍‌ଏଚ୍‌ଭିଆର୍ ପୁରସ୍କାର ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ସରକାରଙ୍କର୍ ସ୍ୱଚ୍ଛ ଆଉ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ- **SHVR** ୨୦୨୫-୨୬ଥି ଓଡ଼ିଶାର୍ ୧୦ଟା ବିଦ୍ୟାଳୟ ଜାତୀୟ ପୁରସ୍କାର ଲାଗି ମନୋନୀତ ହେଇଛନ୍ । ରାଏଜୁ ମୋଟ୍ ୨୦ଟା ବିଦ୍ୟାଳୟକେ ଜାତୀୟ ସ୍ତରୀୟ ମୂଲ୍ୟାଙ୍କନ ଲାଗି ମନୋନୀତ କରାଯାଇଥିଲା । ସେଥିର୍ ଭିତ୍‌ରୁ ୧୦ଟା ବିଦ୍ୟାଳୟ ଇ ମାନ୍ୟତା ପାଇଛନ୍ । **SHVR**ଥି ପରିମଳ, ସଫା ପିଇବାର୍ ପାଏନ୍, ସବୁଜିମା, ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ବାଗିର୍ ଭିନ୍ ଭିନ୍ ମାନଦଣ୍ଡ୍‌ଥି ବିଦ୍ୟାଳୟ ମାନ୍‌କୁ ମୂଲ୍ୟାଙ୍କନ କରାଯାଏସି । ଦେଶର୍ ୨୯ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ନୁ ମୋଟ୍ ୧୯୧ଟା ସ୍କୁଲକେ ଇ ପୁରସ୍କାର ଲାଗି ବଛା ଯାଇଛେ । ବିଜେତା ବିଦ୍ୟାଳୟକେ ୧ ଲାଖ୍ ଟଁଙ୍କା ନଗଦ ପୁରସ୍କାର, ପ୍ରମାଣପତ୍ର ଆଉ ୩ଦିନିଆ ଏକ୍ସପୋଜର ପରିଦର୍ଶନର ସୁଯୋଗ ମିଲ୍‌ବା ।

## ସ୍ନାତକ ପାଠ୍ୟକ୍ରମ ମେଧା ତାଲିକା ହି.ସ.

୨୦୨୬-୨୭ ଶିକ୍ଷା ବଛର୍ ଲାଗ ସ୍ନାତକ ପାଠ୍ୟକ୍ରମଥି ନାଁ ଲେଖାର ପହେଲା ମେଧା ତାଲିକା ଆଏଜ୍ ବାହାରିଛେ । ଇଥି

ରାଜ୍ୟର୍ ୧ ଲାଖ୍ ୭୮ ହଜାର ୭୮୨ ଜଣ୍ ଛାତ୍ରଛାତ୍ରୀ ମନୋନୀତ ହେଇଛନ୍ । ରାଏଜେ ମୋଟ୍ ୨ ଲାଖ୍ ୮୭ ହଜାର ୩ଶହ ୨୭ଟା ସ୍ନାତକ ସିଟ୍ ଲାଗି ୨ ଲାଖ୍ ୩୭ ହଜାର ୨ଶହ ଜଣ୍ ଆବେଦନ୍ କରିଥିଲେ । ଫ୍ରିଜ୍ ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀ ଆଏବା କାଏଲ୍ ଠାନୁ ୨୫ ତାରିଖ୍ ଭିତ୍‌ରେ ନାଁ ଲେଖା ସାର୍‌ବେ । ସ୍ଲାଇଡ୍ କି ଫ୍ଲୋଟ୍ ବାଛିଥିବା ଛାତ୍ରଛାତ୍ରୀ ଫିସ୍ ଦେଇ କରି ୨ ନମ୍ବର ତାଲିକାକେ ଅପେକ୍ଷା କର୍‌ବେ । ନୂଆଁ ଅଲଟର୍ ବିକଳ୍ପଥି ଓଟିପି ଜରିଏ ପସନ୍ ବଦ୍‌ଲେଇ ହେବା ବଲି ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଏନ୍‌ଟିଏ ନିଟ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଟ୍ ୟୁଜି - ୨୦୨୬ର ପୁନଃ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବାବଦ୍ ସାମାଜିକ ଗଣମାଧ୍ୟମ ଟେଲିଗ୍ରାମ୍‌ଥି ପ୍ରସାରିତ୍ ଖବର୍‌କେ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଖଣ୍ଡନ୍ କରିଛେ । ପରୀକ୍ଷା ଆଘୋନୁ ଟେଲିଗ୍ରାମ୍‌ଥି ଏନ୍‌ତା ଖବର ପ୍ରସାରଣ କରାଯାଇଥିଲା । ସାମାଜିକ ଗଣମାଧ୍ୟମ ପୋଷ୍ଟଥି ଏନ୍‌ଟିଏ

କହିଛେ ବ୍ୟାପକ୍ ସୁରକ୍ଷା ଆଉ ସୁବ୍ୟବସ୍ଥିତ ପରିଚାଳନା ଜରିଏ ସଫଳତାର୍ ସହେତେ ପରୀକ୍ଷା କରାଯାଇଛେ । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଆଉ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାମାନେ ମିଶି କରି ଏନ୍‌ତା ଖବର ପ୍ରସାରଣ୍ କରିଥିବା ଲୁକ୍‌କର୍ ବିରୋଧଥି କାର୍ଯ୍ୟାନୁଷ୍ଠାନ ନେଇ କରି ପଦକ୍ଷେପ ନିଆ ଯାଇଥିବାର୍ ବାବ୍‌ଦେ ଏନ୍‌ଟିଏ ତରଫୁ କୁହାଯାଇଛେ । ପରୀକ୍ଷା ବାବଦ୍ ସବୁ ତଥ୍ୟ ଏନ୍‌ଟିଏ ୱେବ୍‌ସାଇଟ୍‌ନ ମିଳୁଛେ ବଲି ଛାତ୍ରଛାତ୍ରୀ ଆଉ ଅଭିଭାବକ୍ ମାନ୍‌କୁ ଏନ୍‌ଟିଏ ସୂଚନା ଦେଇଛେ ।

ୟୁଜିସି ନେଟ୍ ପରୀକ୍ଷା                                  ଆର୍‌ଏନ୍‌ୟୁ/ ସମ୍ବଲପୁର

ୟୁଜିସି ନେଟ୍ ୨୦୨୬ ପରୀକ୍ଷା ଆଏଜ୍ ଠାନୁ ମୂଲ୍ ହେଇଛେ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ତର୍‌ଫୁ ହେଉଥିବା କମ୍ପ୍ୟୁଟର ଆଧାରିତ୍ ସିବିଟି ମୋଡ୍ ପରୀକ୍ଷା ଆଏବା ୩୦ ତାରିଖ୍ ତକ୍ ଚାଲ୍‌ବା । ଫି’ ଦିନ ଦୁଇଟା ସିଫ୍‌ଟ୍‌ଥି ଇ ପରୀକ୍ଷା କରାଯିବା । କନିଷ୍ଠ ଗବେଷକ ଫେଲୋସିପ୍ - ଜେଆର୍‌ଏଫ୍ ଆଉ ଆସିଷ୍ଟେଂଟ୍ ପ୍ରଫେସର

ଆଉ ପିଏଚ୍‌ଡି ପାଠ୍ୟକ୍ରମ୍‌ଥି ନାଁ ଲେଖା ଲାଗି ଇ ପରୀକ୍ଷା ହେବା । ଏନ୍‌ଟିଏ ୱେବ୍‌ସାଇଟ୍‌ଥି ପରୀକ୍ଷାର ଏଡ୍‌ମିଟ୍ କାର୍ଡ ମିଲୁଛେ ।

ରଥଯାତ୍ରା ବୈଠକ୍                                    ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ଆଏବା କାଏଲ୍ ପୁରୀ ଟାଉନ୍ ହଲ୍ ସମ୍ମିଳନୀ କକ୍ଷନ ସଖାଲର୍ ୧୧ ବଜେ ଦୁଇ ନମ୍ବର୍ ସମନ୍ୱୟ ବୈଠକ୍ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କର ଅଧ୍ୟକ୍ଷତାଥି ହେବା । ବୈଠକ୍‌ଥି ରଥଯାତ୍ରା ବେଲ୍‌କେ ମାହାପୁରୁ ମାନ୍‌କର୍ ନୀତିକାନ୍ତି, ପରିମଲ ବ୍ୟବସ୍ଥା ସ୍ୱାସ୍ଥ୍ୟ ଆଲୋକୀକରଣ, ରାସ୍ତାଘାଟ୍ ମରାମତି, ପିଇବାର ପାଏନ୍ ଯୋଗାଣ୍, ଯା' ଆସ୍ ସୁବିଧା, ସୁରକ୍ଷା ଆଉ ଟ୍ରାଫିକ୍ ନିୟନ୍ତ୍ରଣ ବାବ୍‌ଦେ ଆଲୋଚନା କରାଯିବା । ରଥଯାତ୍ରା ଆଘୋନୁ ରାଜ୍ୟ ସରକାରଙ୍କର୍ ସବୁ ବିଭାଗର୍ କାମ୍‌ର ଅଗ୍ରଗତି ବାବ୍‌ଦେ ଆଇନମନ୍ତ୍ରୀ ସମୀକ୍ଷା କର୍‌ବେ । ଭିନ୍ ଭିନ୍ ବିଭାଗର୍ ଅଧିକାରୀ, ସେବାୟତ୍ ଆଉ ବୁଦ୍ଧିଜୀବୀମାନେ ବୈଠକ୍‌ଥି ଉପସ୍ଥିତ ରହେବେ ବୋଲି ଆମର୍ ସାମ୍ବାଦଦାତା ଜନେଇଛନ୍ ।

## ବିଶ୍ୱ ବର୍ଷା ବଣ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜଙ୍ଗଲ୍ ବାଗିର୍ ପ୍ରାକୃତିକ ସମ୍ପଦ୍‌ର ସୁରକ୍ଷା, ପୁନରୁଦ୍ଧାର ଆଉ ଇତାର୍ ଲାଗି ଜନସଚେତନତା ବଢ଼ାବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ବର୍ଷା ବଣ ଦିବସ ପାଲନ୍ କରାଯାଉଛେ । ଜଙ୍ଗଲ୍‌ମାନ୍‌କର୍ ଭିତ୍‌ରେ ସବୁନୁ ଜୀବନ୍ତ ଆଉ ଉପାଦେୟ ରହେବାର୍ ଜାଗା ଭାବେ ବର୍ଷା ବଣକେ ଗ୍ରହଣ କରାଯାଇଛେ । ଇଟା ଏନ୍‌ତା ଗୁଟେ ସାଗୁଆ ବଳୟ ଯେନ ବରଷ୍ ସାରା ବହୁତ୍ ବର୍ଷା ହେସି । ଇ ଜଙ୍ଗଲ ବାୟୁ ମଣ୍ଡଲ୍‌ନୁ ଅଙ୍ଗାରକାମ୍ଳ ଶୁଷି କରି ପ୍ରଚୁର୍ ପରିମାଣ୍‌ଥି ଅମ୍ଳଜାନ ଯୁଗାସି । ହେଥିର୍ ଲାଗି ବର୍ଷା ବଣକେ ପୁର୍‌ଥିର୍ ଫୁସ୍‌ଫୁସ୍ ବଲି କୁହଯାଏସି । “ଆମର୍ ଭିତ୍‌ରେ ଜଙ୍ଗଲ୍” ବାର୍ତା ନେଇ କରି ଆଏଜ୍ ଇ ଦିବସ୍ ପାଲନ୍ କରାଯାଉଛେ ।

## ଅଭିଯୋଗ୍ ଶୁଣାଣି ବର୍‌ଗଡ଼୍/ ସୁବର୍ଣ୍ଣପୁର୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲପୁର ଜିଲ୍ଲା ବ୍ଲକ୍ କାର୍ଯ୍ୟାଳୟନ ହେଇଥିବା ଶୁଣାଣି ଶିବିର୍‌ଥି ୮୯ ଟା ଅଭିଯୋଗ ଆସିଥିଲା । ୨ ଝନ୍‌କୁ ୨୫ ହଜାର ଟଁକ୍‌ ଲେଖାନ୍ ସାହାଯ୍ ଆର୍ ରେଡକ୍ରସ୍ ତର୍‌ଫୁ ୪୫ ହଜାର ଟଁକା ସାହାଯ୍ ଦିଆଯାଇଛେ ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୬୫ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୩୦ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ ହେଇଛେ ।

ବର୍‌ଗଡ଼୍ ଜିଲ୍ଲା ବରପାଲି ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶିବିର୍‌ଥି ଶହେ ୮୦ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୧୩ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍‌ର କ୍ଷେମାଲୋଏ ଗ୍ରାମ୍‌ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୭୧ ଟା ଅଭିଯୋଗ୍ ଆସିଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ପରିସରନ୍ ହେଇଥିବା ଶିବିରଥି ୧୦୬ଟା ଅଭିଯୋଗ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର ବଙ୍ଗୋପସାଗର୍‌ନ ଆଏବା ୧୫ ଦିନ୍ ଭିତ୍‌ରେ ଗୁଟେ ଲଘୁଚାପ୍ ହେଇପାରେ । ଭୁବନେଶ୍ୱର ଆଂଚଳିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏଜ୍ ବଲାଙ୍ଗିର୍ ଆର୍ ସୁନ୍ଦରଗଡ୍ ଦେଇ କରି ଆଗ୍‌କେ ବଢୁଛେ । ଆଏବା ଦିନେ ମୌସୁମୀ ପ୍ରଭାବ୍‌ଥି ରାଏଜେ ବର୍ଷାର ପରିମାଣ୍ ବଢ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ସତର୍କ ସୂଚନା ଜାରି କରାଯାଇଛେ । ଇ ସମିଆ ଭିତ୍‌ରେ ସମୁଦ୍ର ଅଶାନ୍ତ ରହୁଥିବାର୍‌ନୁ ମତ୍ସ୍ୟଜୀବୀମାନ୍‌କୁ ଆଏବା କାଏଲ୍‌ତକ୍ ସମୁଦ୍ର ଭିତ୍‌ରେକେ ନାଇଯିବାର୍ ଲାଗି ପରାମର୍ଶ ଦିଆଯାଇଛେ ।